# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**3 December - 2024**

**News Editor : *Itishree Singh Rathaur***

# ରାଷ୍ଟ୍ରପତି-ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଆଜି ସନ୍ଧ୍ୟାରେ ରାଷ୍ଟ୍ରପତି ଭୁବନେଶ୍ୱରରେ ପହଞ୍ଚିବା ପରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନୂଆ ପ୍ରତିମୂର୍ତ୍ତି ଅନାବରଣ କରିବେ । ଶ୍ରୀମତୀ ମୁର୍ମୁ ଭୁବନେଶ୍ୱରରେ ଆଦିବାସୀଙ୍କ ଇଷ୍ଟଦେବ ମାରାଙ୍ଗ ବୁରୁଙ୍କ ସ୍ଥାନ ଆଦିମ ଓସ୍ୱାର ଜାର୍‌ପା ଜାହେର ପରିଦର୍ଶନ କରିବେ । ଆସନ୍ତାକାଲି ରାଷ୍ଟ୍ରପତି ପୁରୀ ଗସ୍ତରେ ଯାଇ ନୌସେନା ଦିବସ ସମାରୋହ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବେ ।

ଆସନ୍ତା ୫ ତାରିଖ ଗୁରୁବାର ଦିନ ରାଷ୍ଟ୍ରପତି ଭୁବନେଶ୍ୱରରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୪୦ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବା ସହ ନ୍ୟାୟିକ ଅଦାଲତର ନୂଆ ଅଟ୍ଟାଳିକାକୁ ଉଦ୍‌ଘାଟନ କରିବେ । ଆସନ୍ତା ୬ ଓ ୭ ତାରିଖ ଦିନ ରାଷ୍ଟ୍ରପତି ମୟୂରଭଞ୍ଜଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜଣାପଡ଼ିଛି ।

## ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମଧ୍ୟାହ୍ନରେ ଚଣ୍ଡୀଗଡ଼ଠାରେ ୩ଟି ନୂତନ ଅପରାଧିକ ଆଇନ- ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମର ସଫଳ ରୂପାୟନକୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ସୂଚନା ଅନୁସାରେ ଗତ ଜୁଲାଇ ୧ ତାରିଖରେ ଦେଶବ୍ୟାପୀ ଏହି ନୂତନ ଆଇନ କାର୍ଯ୍ୟକାରୀ ହୋଇଥିଲା ।

## ମାଓବାଦୀ ଦମନ

ବିକଶିତ ଓ ନୂଆ ଓଡ଼ିଶା ଗଠନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ମିଶି ୧ଲକ୍ଷ କୋଟି ଟଙ୍କା ବ୍ୟୟରେ ଭିତ୍ତିଭୂମିର ବିକାଶ କରିବେ ବୋଲି ବିଧାନସଭାରେ ଗୃହ ବିଭାଗର ଅତିରିକ୍ତ ଖର୍ଚ୍ଚ ଦାବି ଆଲୋଚନାର ଉତ୍ତର ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ମାଓବାଦୀ ଦମନ ନେଇ ବ୍ୟାପକ ପଦକ୍ଷେପ ନିଆଯାଉଛି । ମାଓବାଦୀ ମୁକାବିଲା ପାଇଁ ଓ.ଏସ୍.ଏସ୍. ବାହିନୀରେ ୩ ହଜାର ୯ଟି ପଦବୀ ପୂରଣ ନିମନ୍ତେ ଅନୁମୋଦନ ଦିଆଯାଇଛି । ପୋଲିସ୍ ବିଭାଗକୁ ଅଧିକ ଶକ୍ତିଶାଳୀ ଓ ସକ୍ରିୟ କରାଯାଇଛି । ରାଜ୍ୟରେ ଦଣ୍ଡବିଧାନ ହାର କମ୍ ଥିବାରୁ ତ୍ୱରିତ ଫଇସଲା ପାଇଁ ପଦକ୍ଷେପ ନିଆଯାଉଛି । ପୋଲିସ୍ ବିଭାଗରେ ଖାଲିଥିବା ୨ ହଜାର ୯୨୨ ପଦବୀ ଖୁବ୍ ଶୀଘ୍ର ପୂରଣ

କରାଯିବ । ରାଜ୍ୟର ୬୪୯ଟି ଥାନାକୁ ହାଇସ୍ପିଡ୍ ଗାଡ଼ି ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଟାସ୍କଫୋର୍ସ

ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ପାଇଁ ସରକାର ଟାସ୍କଫୋର୍ସ ଗଠନ କରିଥିବା ମୁଖ୍ୟମନ୍ତ୍ରୀ ବିଧାନସଭାରେ କହିଛନ୍ତି । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଗଠିତ ଟାସ୍କଫୋର୍ସ ୩୦ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ବଜେଟ ଅର୍ଥ

ରାଜ୍ୟ ସରକାର ବଜେଟ୍‌ରେ ବିଭିନ୍ନ ବିଭାଗ ପାଇଁ ବରାଦ କରିଥିବା ଅର୍ଥ ୨୦୨୫ ମାର୍ଚ୍ଚ ଶେଷ ସୁଦ୍ଧା ଖର୍ଚ୍ଚ ହେବ ବୋଲି ଗୃହରେ ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ବଳକା ଅର୍ଥକୁ ଅତିରିକ୍ତ ବଜେଟରେ ପୂର୍ଣ୍ଣ ବିନିଯୋଗ ପାଇଁ ପଦକ୍ଷେପ ନିଆଯାଉଛି ।

## ଭିନ୍ନକ୍ଷମ ଦିବସ

ଦିବ୍ୟାଙ୍ଗମାନଙ୍କ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ନିମନ୍ତେ ଆଜି ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ କରାଯାଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ବାର୍ତ୍ତାରେ କହିଛନ୍ତି ରାଜ୍ୟ ସରକାର ଦିବ୍ୟାଙ୍ଗମାନଙ୍କ ଉନ୍ନତି ପାଇଁ ନିରନ୍ତର ପ୍ରଚେଷ୍ଟା ଜାରି ରଖିଛନ୍ତି । ସେ କହିଛନ୍ତି, ଓଡ଼ିଶା ଦିବ୍ୟାଙ୍ଗମାନଙ୍କ ପାଇଁ ଏକ ଆଦର୍ଶ ରାଜ୍ୟ ଭାବେ ଉଭା ହେବ । ଏହି

ଦିବସ ଉପଲକ୍ଷେ ରାଜ୍ୟର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଦିବ୍ୟାଙ୍ଗମାନଙ୍କ ସମ୍ମାନ ରକ୍ଷା ଓ ସଶକ୍ତିକରଣ ଉଦ୍ଦେଶ୍ୟରେ ଶପଥ ଗ୍ରହଣ କରିବା ନିମନ୍ତେ ଓସେପା ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

# ବୈଠକ

ଇସ୍କନର ଅଦିନିଆ ରଥଯାତ୍ରା ସଂପର୍କରେ ଶ୍ରୀନଅରଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ଗଜପତି ମହାରାଜା ଦିବ୍ୟସିଂହଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଠାରୁ ଦଶମୀ ମଧ୍ୟରେ ମହାପ୍ରଭୁଙ୍କ ରଥଯାତ୍ରା ପରମ୍ପରା ଅନୁଯାୟୀ ପାଳନ କରାଯାଇ ପାରିବ, ଏଥିରେ ବ୍ୟତିକ୍ରମ ହେବା ଉଚିତ ନୁହେଁ ବୋଲି ଆଲୋଚନା ହୋଇଛି । ଏ ନେଇ ଉଭୟ ପକ୍ଷର ଗବେଷକମାନେ ଶୀଘ୍ର ଆଲୋଚନା କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି ।

# ଆଳୁ

ରାଜ୍ୟକୁ ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗରୁ ୧୩୦ ଟ୍ରକ୍ ଆଳୁ ଆସିଛି । ଏହା ପରେ ଚଢ଼ାଦରରେ ଆଳୁ ବିକ୍ରି ଅଭିଯୋଗ ନେଇ ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ କଟକ ଓ ଭୁବନେଶ୍ୱରର ବିଭିନ୍ନ ହାଟରେ ଚଢ଼ାଉ କରାଯାଇଛି । ପୂର୍ବରୁ ବିଭାଗ ପକ୍ଷରୁ ଆଳୁ କିଲୋ ପ୍ରତି ୪୦ ଟଙ୍କାରୁ ଅଧିକ ଦରରେ ବିକ୍ରି ନ କରିବାକୁ ବ୍ୟବସାୟୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

# ଆଇଟି ପ୍ରଶିକ୍ଷଣ

ରାଜ୍ୟରେ ସୂଚନା ଓ ପ୍ରଯୁକ୍ତି ଏବଂ ଆଇ.ଟି ସକ୍ଷମ ସେବା ଓ ସେମିକଣ୍ଡକ୍ଟର କ୍ଷେତ୍ରରେ ପ୍ରଶିକ୍ଷଣ ନିମନ୍ତେ ସିଙ୍ଗାପୁରର ଆଇ.ଟି.ଇ.ଇ.ଏସ୍. ମୁଖ୍ୟ ସୁରେଶ ନଟରାଜନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସହ ଆଲୋଚନା କରିଛନ୍ତି । ଦକ୍ଷତା ସଂପନ୍ନ ମାନବ ସମ୍ବଳ ଆବଶ୍ୟକତା ପୂରଣ କରିବା ଉଦ୍ଦେଶ୍ୟରେ ସ୍କିଲ୍ ଇନ୍ ଓଡ଼ିଶା ଅଭିଯାନ ଅଧୀନରେ ପ୍ରଶିକ୍ଷଣ ପାଇଁ ଖୁବ୍ ଶୀଘ୍ର ଏକ ବିସ୍ତୃତ ପ୍ରସ୍ତାବ ଦାଖଲ କରାଯିବ ବୋଲି ଜଣାପଡ଼ିଛି ।

---

# ଧାନକିଣା

ଚଳିତ ଖରିଫ ଋତୁରେ ଧାନ ବିକ୍ରୟ ନିମନ୍ତେ ଚାଷୀମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ରାଜ୍ୟ ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି । ଚାଷୀମାନଙ୍କ ପଞ୍ଜୀକରଣ ଠାରୁ ଆରମ୍ଭ କରି ଟୋକନ ପାଇବା, ଧାନର ମାନ ଓ ଧାନ ବିକ୍ରୟ ଏବଂ ସର୍ବନିମ୍ନ ସାଧାରଣ ମୂଲ୍ୟ ସଂପର୍କରେ ସମସ୍ତ ବ୍ଲକ ଓ ଜିଲ୍ଲାସ୍ତରରେ ସଚେତନତା ସୃଷ୍ଟି କରାଯାଉଛି ।

---

# ଫୁଲବାଣୀ କୁକୁଡ଼ା

ଦେଶର ୨୦ତମ କୁକୁଡ଼ା ପ୍ରଜାତିରେ ଫୁଲବାଣୀ କୁକୁଡ଼ାକୁ ସାମିଲ କରିବା ଲାଗି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏନ୍‌ବିଏଜିଆର କୁ

ସବିଶେଷ ତଥ୍ୟ ପ୍ରଦାନ କରାଯାଇଛି । ଫୁଲବାଣୀ ଏବଂ ବୌଦ୍ଧ ଜିଲ୍ଲାରେ ଏହି କୁକୁଡ଼ାଙ୍କ ସଂଖ୍ୟା ୧ଲକ୍ଷରୁ ଅଧିକ ହେବ ବୋଲି କୁହାଯାଇଛି ।

## ପ୍ରବେଶିକା ପରୀକ୍ଷା

ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଆସନ୍ତା ଜାନୁଆରୀ ୭ ତାରିଖରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । ଆସନ୍ତା ୩୦ ତାରିଖରୁ ପରୀକ୍ଷାର୍ଥୀମାନେ ପ୍ରବେଶପତ୍ର ପାଇପାରିବେ । ଷଷ୍ଠ ଶ୍ରେଣୀ ପାଇଁ ସକାଳ ୯ଟାରୁ ୧୧ଟା ଏବଂ ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀ ପାଇଁ ସକାଳ ୯ଟାରୁ ୧୨ଟା ପର୍ଯ୍ୟନ୍ତ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ ।